## ଇଡ୍‌କୋକୁ ଗୋଚର ଜମି ହସ୍ତାନ୍ତରକୁ ବିରୋଧ

**ଫୁଲବାଣୀ ଅଫିସ:** ଫୁଲବାଣୀ ବ୍ଲକ ବଇଡା ଗ୍ରାମରେ ଥିବା ଗୋଚର ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରାଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଗୋଚର ଜମି ଯେପରି ଥିଲା, ସେପରି ରଖିବାକୁ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଇଡାରେ ହେକ୍ଟର ୨.୪୯୪ ଆର୍ ଗୋଚର ଜମି ରହିଛି। ଏହି ଜମିରେ ଗ୍ରାମର ଗୃହପାଳିତ ପ୍ରାଣୀ ଚରୁଥିବା ବେଳେ ପୂଜାପର୍ବ ମଧ୍ୟ ପାଳନ କରାଯାଉଛି। କିନ୍ତୁ ଗ୍ରାମବାସୀଙ୍କୁ ନ ଜଣାଇ ପ୍ରଶାସନ ଏକତରଫା ନିଷ୍ପତ୍ତି ନେଇଛି। ଜମିକୁ ଇଡକୋକୁ ହସ୍ତାନ୍ତର କରା ନ ଯାଉ ବୋଲି ଗଣପତି କହଁର, ଉମାଚରଣ କହଁର, ବିଶ୍ୱାମିତ୍ର ଦିଗାଲ, ଭାଗବତ ବିନ୍ଧାଣୀ ପ୍ରମୁଖ ପ୍ରକାଶ କରିଛନ୍ତି।

# ମଧୁ ଆପ୍‌ରେ ପଢୁଛନ୍ତି ୭୮ ହଜାର ପିଲା

**ଛତ୍ରପୁର,୩।୧୧(ଡି.ଏନ୍.ଏ.)**

କରୋନା ମହାମାରୀ ଲାଗି ବିଦ୍ୟାଳୟଗୁଡିକ ଗତ ମାର୍ଚ୍ଚରୁ ବନ୍ଦ ରହିଛି। ଶ୍ରେଣୀଗୃହ ଶିକ୍ଷାଦାନ ବଦଳରେ ଗତ କିଛିମାସ ହେଲା ଅନ୍‌ଲାଇନ ଶିକ୍ଷାର ଗୁରୁତ୍ୱ ବଢିବାକୁ ଲାଗିଛି। ଏଭଳି ସମୟରେ ଓଡ଼ିଶା ସରକାରଙ୍କ ଅଭିନବ ଅନ୍‌ଲାଇନ ଲର୍ନିଂ ପ୍ଲାଟଫର୍ମ 'ମଧୁ' ଆପ ରାଜ୍ୟବ୍ୟାପୀ ଆଦୃତ ହେବାରେ ଲାଗିଛି। ବର୍ତ୍ତମାନ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଏହା କେବଳ ଆବଶ୍ୟକତାରେ ସୀମିତ ନ ହୋଇ ଜରୁରୀ ହୋଇପଡିଛି। ସୂଚନା ଅନୁସାରେ, ରାଜ୍ୟରେ ଦୈନିକ ଏହି ଆପ୍‌କୁ ୭୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବ୍ୟବହାର କରୁଛନ୍ତି। ଆପ୍‌କୁ ସାଢେ ୩ କୋଟି ସେସନରେ ୨ କୋଟି ୭୦ ଲକ୍ଷ ଥର ଡାଉନ୍‌ଲୋଡ କରାଯାଇଛି। ୮ ଲକ୍ଷରୁ ଅଧିକ ଶିକ୍ଷା ଭିଡିଓ ଏହି ଆପ ଜରିଆରେ ଡାଉନ୍‌ଲୋଡ ହୋଇଛି। ପ୍ରାୟ ୮ ଲକ୍ଷ ଛାତ୍ରୀଛାତ୍ର ଭର୍ଚୁଆଲ ଟେଷ୍ଟ ନେଇଛନ୍ତି। ଛାତ୍ରୀଛାତ୍ରମାନେ ଟ୍ୟୁଟୋରିଆଲ ଦ୍ୱାରା ପାଠ ପଢ଼ି ପାରୁଥିବା ବେଳେ ସେମାନଙ୍କ ଡାଉଟ କ୍ଲିୟର ବି କରିପାରୁଛନ୍ତି।

ଗଞ୍ଜାମ ଜିଲା ପ୍ରଶାସନ ଦ୍ୱାରା ଏହି ଅଭିନବ ମୋବାଇଲ ମଧୁ ଆପ୍‌ର ପରିକଳ୍ପନା କରାଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୂର୍ବରୁ ଶିକ୍ଷକତା କରିଥିବାରୁ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଇ ଏଭଳି ଆପ୍‌ର ପରିକଳ୍ପନା କରିଥିଲେ। ଏହା ମାତୃଭାଷା ଆଧାରିତ ଭର୍ଚୁଆଲ ଶ୍ରେଣୀଗୃହର ସୁବିଧା ପ୍ରଦାନ କରିଥାଏ। ୨୦୧୯ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ମଧୁ ଆପ୍‌ର ଶୁଭାରମ୍ଭ କରିଥିଲେ। ଓଡିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାଁରେ ଆପ୍‌ର ନାମକରଣ କରାଯାଇଛି। ବର୍ଷକ ମଧ୍ୟରେ ଏହା ରାଜ୍ୟର ଶିକ୍ଷକ ଓ ଛାତ୍ର ମହଲରେ ଲୋକପ୍ରିୟ ହୋଇପାରିଛି। ଆପ୍ ଶୁଭାରମ୍ଭର ମାର୍ଚ୍ଚରୁ କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଲକ୍‌ଡାଉନ ଓ ଶଟଡାଉନ ଜାରି ହୋଇଥିଲା। ରାଜ୍ୟର ସମସ୍ତ ସ୍କୁଲ ସେବେଠାରୁ ବନ୍ଦ ରହିଛି। ଭର୍ଚୁଆଲ ଶ୍ରେଣୀ ଜରିଆରେ ପିଲାମାନେ ଏବେ ପଢୁଛନ୍ତି। ଇ-ଲର୍ନିଂ ବା ଡିଜିଟାଲ ଲର୍ନିଂ ଏବେ ଶିକ୍ଷା ବ୍ୟବସ୍ଥାର ମୁଖ୍ୟ ଅଂଶ ହୋଇଯାଇଛି। ପଞ୍ଚମରୁ ଦଶମ ଶ୍ରେଣୀ ଯାଏ ସମ୍ପୂର୍ଣ୍ଣ ପାଠ୍ୟକ୍ରମ ଏହି ଆପରେ ଉପଲବ୍ଧ ରହିଛି। ପ୍ରମୁଖ ଶିକ୍ଷାବିତ୍‌ଙ୍କ ଦ୍ୱାରା ଭିଡିଓ ଲେକ୍ଚର ଓ ଏକ୍ସରସାଇଜ ଏଥିରେ ରହିଛି। ଡ୍ରାଇଭ ଫର୍ ରେଜଲ୍ଟ ଏନହାନ୍ସମେଣ୍ଟ ଇନ ଆନୁଆଲ ମାଟ୍ରିକ୍ୟୁଲେଶନ ଏକ୍‌ଜାମିନେଶନ (ଡ୍ରିମ) ଅଧୀନରେ ଅଭ୍ୟାସମୂଳକ ପରୀକ୍ଷା ବି ଏହି ଆପ୍‌ରେ ଉପଲବ୍ଧ। ଶିକ୍ଷକମାନଙ୍କ ସମେତ ପେସାଦାର ଭିଡିଓ ଡକ୍ୟୁମେଣ୍ଟେଶନ ଟିମ ମଧ୍ୟ ଲେକଚର୍ ଭିଡିଓ ପ୍ରସ୍ତୁତିରେ ନିୟୋଜିତ ହୋଇଛନ୍ତି। ତେଣୁ ଆପ୍ ବ୍ୟବହାରକାରୀଙ୍କ ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି ହୋଇଛି।

- କରୋନା ସମୟରେ ସାହାରା ହୋଇଛି
- ୮ ଲକ୍ଷ ପିଲା ଦେଇଛନ୍ତି ଭର୍ଚୁଆଲ ଟେଷ୍ଟ

## ସଂକ୍ଷେପରେ

### ଷ୍ଟେଶନରୁ ଛିନ୍‌ତାଇ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଟ୍ରେନ୍ ଯାତ୍ରୀଙ୍କ ଠାରୁ ଛିନ୍‌ତାଇ କରୁଥିବା ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଜିଆର୍‌ପି ଗିରଫ କରିଛି। ଏଥିସହ ଛିନ୍‌ତାଇ ହୋଇଥିବା ବ୍ୟାଗ୍ ଓ ସେଥିରେ ଥିବା ଟଙ୍କା ଏବଂ ମୋବାଇଲ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଖଲ୍ଲିକୋଟ ଅଞ୍ଚଳର ବୁଲୁ ଘୋଷ। ଏନେଇ ଏକ ମାମଲା(ନଂ.୯୭/୨୦୨୦) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଗଜପତି ଜିଲା କାଶୀନଗର ଅଞ୍ଚଳର କେ. ରବୀନ୍ଦ୍ର ତାଙ୍କ ପରିବାର ସହ କୋଣାର୍କ ଏକ୍ସପ୍ରେସରେ ମଙ୍ଗଳବାର ଭୁବନେଶ୍ୱର ଆସୁଥିଲେ। ସେ ଭୁବନେଶ୍ୱର ଷ୍ଟେଶନରେ ପରିବାର ସହ ଟ୍ରେନରୁ ଓହ୍ଲାଇବାବେଳେ ଅଭିଯୁକ୍ତ ତାଙ୍କ ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲା। ଏହାଦେଖି ସେଠାରେ କାର୍ଯ୍ୟରତ ଜିଆର୍‌ପି ଓ ଆରପିଏଫ ଅଭିଯୁକ୍ତଙ୍କୁ ପିଛା କରି କାବୁ କରିବା ସହ ବ୍ୟାଗ ଉଦ୍ଧାର କରିଥିଲେ। ଉକ୍ତ ବ୍ୟାଗରେ ୧୬ଶହ ଟଙ୍କା ଓ ମୋବାଇଲ ଥିଲା।

### ତିନି ବଖରା ଜଳିଗଲା

**ଖଲ୍ଲିକୋଟ,୩।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ମହେଶ୍ୱରପୁର ଗ୍ରାମରେ ମଙ୍ଗଳବାର ସିଲିଣ୍ଡରରୁ ଗ୍ୟାସ୍ ଲିକେଜ୍ ହୋଇ ତିନି ବଖରା ଜଳିଯାଇଛି। ଖଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବା ସ୍ଥାନୀୟ ଅଗ୍ନିଶମ ଅଧିକାରୀ ଯମୁନା ମହନ୍ତ କହିଛନ୍ତି। ପ୍ରକାଶ ଯେ, ଗାଁର ଝଡ଼ିଆ ପ୍ରଧାନଙ୍କ ସ୍ତ୍ରୀ ପ୍ରତିମା ସକାଳେ ରୋଷେଇ କରିବା ସମୟରେ ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ପରିବାର ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଫଳରେ ତିନିବଖରା ପୋଡ଼ି ନଷ୍ଟ ହୋଇଯାଇଛି।

### ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲାପାଳ

**ବ୍ରହ୍ମପୁର ଅଫିସ,୩।୧୧:** ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ବ୍ରହ୍ମପୁରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଛନ୍ତି। ମହାନଗର ନିଗମ ପକ୍ଷରୁ ବୈକୁଣ୍ଠନଗର ଠାରେ ଚାଲିଥିଲା ସ୍ପର୍ଟସ ଏରିନା, ବ୍ରହ୍ମପୁର ଷ୍ଟାଡିୟମ, ରାମଲିଙ୍ଗମ ପୋଖରୀ ସୌନ୍ଦର୍ଯ୍ୟକରଣ, ଆମ୍ବପୁଆଠାରେ ନିର୍ମାଣାଧୀନ ରକ୍‌ଗାର୍ଡେନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଛନ୍ତି। ନଭେମ୍ବର ଶେଷ ସୁଦ୍ଧା ରାମଲିଙ୍ଗମ୍ ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ମାର୍ଚ୍ଚ ସୁଦ୍ଧା ବ୍ରହ୍ମପୁର ଷ୍ଟାଡିୟମ କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ନିଯୁକ୍ତି ପାଇବେ ମୃତ ଶ୍ରମିକଙ୍କ ସ୍ତ୍ରୀ

#### ଗ୍ରାସୀମରେ ପାଇପ୍ ଫାଟିବା ଘଟଣା

**ଗଞ୍ଜାମ,୩।୧୧(ଡି.ଏନ.ଏ.):** ଗଞ୍ଜାମ ସହର ଗ୍ରାସୀମ କମ୍ପାନୀରେ ଗତ ଅକ୍ଟୋବର ୬ରେ ଷ୍ଟିମ୍ ଲାଇନ୍ ଭାଲବ ଫାଟି ଜଣେ ଇଞ୍ଜିନିୟରଙ୍କ ସମେତ ୩ ଠିକାଶ୍ରମିକ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଇଞ୍ଜିନିୟର ଅଭିଷେକ ପାଲ ଓ ପୁଇଁତୋଳା ଗ୍ରାମର ଶଙ୍କର ରାଉଳଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ପରେ ଅନୁକମ୍ପା ମୂଳକ ୧୨ ଲକ୍ଷ ଟଙ୍କା ଏବଂ ଶଙ୍କରଙ୍କ ସ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏ ନେଇ ସୋମବାର କମ୍ପାନୀ କନ୍‌ଫରେନ୍ସ ହଲରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଆଗାମୀ ୫ ତାରିଖରେ ମୃତ ଶଙ୍କରଙ୍କ ସ୍ତ୍ରୀ ଚନ୍ଦ୍ରମା ରାଉଳଙ୍କୁ କମ୍ପାନୀ ଆଡ୍‌ମିନିଷ୍ଟ୍ରେଟରରେ ହେଲପର ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କମ୍ପାନୀ ୟୁନିଟ ହେଡ୍ ଦିଗ୍‌ବିଜୟ ପାଣ୍ଡେ, ଏଚ୍‌ଆର୍ ମୁଖ୍ୟ କେ.ଜି ଗେନରୱାଲ, ନିରଜ ପଟ୍ଟନାୟକ ଓ ବିଜେଡି ଶ୍ରମିକ ସଙ୍ଗଠନ ସଭାପତି ଶଙ୍କର ଦାସ, ଉପସଭାପତି ଜି ସନ୍ତୋଷ ରେଡ୍ଡୀ, ଠିକା ଶ୍ରମିକ ସଙ୍ଘ ସଭାପତି ଜୟକୃଷ୍ଣ ବାରିକି, କୈଳାଶ ପଲେଇ ଓ ମୃତ ଶଙ୍କରଙ୍କ ସମ୍ପର୍କୀୟ ଓକିଲ ପଙ୍କଜ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନାସ୍ଥା ଦାବିରୁ ଓହରିଲେ ସମିତିସଭ୍ୟ

**ଶେରଗଡ,୩।୧୧(ଡି.ଏନ୍.ଏ.)**



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସମିତିସଭ୍ୟା ଓ ସଭ୍ୟମାନେ।

ଶେରଗଡ ବ୍ଲକ ଧବଳପୁର ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ୧୦ଜଣ ୱାର୍ଡସଭ୍ୟ ସରପଞ୍ଚ ପ୍ରମୋଦ ପ୍ରଧାନଙ୍କ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଅନାସ୍ଥା ପାଇଁ ଦାବି କରୁଥିଲେ। ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଡାକ ଯୋଗେ ଚିଠି କରିବା ସହ ଜିଲା ପଞ୍ଚାୟତ ଅଧିକାରୀ ଗଞ୍ଜାମଙ୍କୁ ମଧ୍ୟ ଏନେଇ ଅବଗତ କରାଇଛନ୍ତି। ମଙ୍ଗଳବାର ଶେରଗଡ ବ୍ଲକଠାରେ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ହୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ପ୍ରଧାନ ଓ ୱାର୍ଡସଭ୍ୟଙ୍କୁ ଦଳୀୟ କର୍ମୀ ବୁଝାଶୁଝା କରିଥିଲେ। ୱାର୍ଡସଭ୍ୟଙ୍କ ମତାମତ ନେଇ କାମ କରିବାକୁ ନିଷ୍ପତ୍ତି ପରେ ସମସ୍ୟାର ସମାଧାନ ହୋଇଥିଲା।

## ନାବାଳିକାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତଙ୍କ ବାପା ଗିରଫ

**ଦିଗପହଣ୍ଡି,୩।୧୧(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରାଯାଇଥିବା ମାମଲାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୂଚନାଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନାବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିବା ପରେ ପୋଲିସ ଅଭିଯୁକ୍ତଙ୍କ ବାପା ତାରିଣୀ ଗୌଡ଼ଙ୍କୁ ମଙ୍ଗଳବାର ବ୍ରହ୍ମପୁର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରିଛି। ମାମଲା ନଂ. ୨୩୩/୨୦ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାରିଣୀଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ଗିରଫ ଭୟରେ ତାରିଣୀଙ୍କ ପୁଅ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଅଭିଯୁକ୍ତ ଜଣକ ୧ ବର୍ଷ ହେଲା ତାଙ୍କ ଗାଁର ଜଣେ ନାବାଳିକାଙ୍କୁ ଭଲ ପାଉଥିଲେ। ପରେ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଗତ ମାର୍ଚ୍ଚ ୨୨ ତାରିଖରେ ଗାଁରୁ ଅପହରଣ କରି ଦିଗପହଣ୍ଡି ଠାରେ ଏକ ଭଡ଼ାଘରେ ନେଇ ରଖିଥିଲେ। ସେଠାରେ ୩ ମାସ ଧରି ବଳାତ୍କାର କରିବା ପରେ ଅଭିଯୁକ୍ତ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିବା ପୀଡ଼ିତା ଜଣକ ଥାନାରେ ଏତଲା ଦେଇଥିଲେ।

## ଆହାର କେନ୍ଦ୍ର ଗୃହ ଉଦ୍‌ଘାଟନ, ପଟ୍ଟା ବଣ୍ଟନ



ଜଣେ ହିତାଧିକାରୀଙ୍କୁ ଏମ୍‌ପି ଚନ୍ଦ୍ରଶେଖର ସାହୁ ପଟ୍ଟା ପ୍ରଦାନ କରୁଛନ୍ତି।

**କାଶୀନଗର,୩।୧୧(ଡି.ଏନ୍.ଏ.)**

କାଶୀନଗର ନୂତନ ଆହାର କେନ୍ଦ୍ର ଗୃହକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ କଲ୍ୟାଣ ମଣ୍ଡପରେ ଏହି କେନ୍ଦ୍ର ଚାଲୁଥିଲା। ଉଦ୍‌ଘାଟନ ପରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏମ୍‌ପି ସାହୁ ଆଦିବାସୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଏମ୍‌ପି ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲାପାଳ ଅନୁପମ ସାହା, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପନ୍ନା ରାଉତ, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସମାବେଶ ପରିଚାଳନା କରିଥିଲେ। ସମାବେଶ ଶେଷ ପରେ କାଶୀନଗର ରଇତ ସଂଘ ଓ ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଶିଆଳି ପଞ୍ଚାୟତ ପେଜାମାଡି ମୌଜା ମୂଳପେଟା ଜୋରିଠାରେ ଡ୍ୟାମ୍ ନିର୍ମାଣ, ଜିରୋ ଡ୍ୟାମର ମରାମତି, ମେଗା ଜଳସେଚନ ପ୍ରକଳ୍ପ ସୁଚାରୁ ରୂପେ କାର୍ଯ୍ୟ କରିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଥିଲା। କାଶୀନଗର ଠାରେ ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣୀ, ଗଜପତିରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜନସାଧାରଣ ଦାବି କରିଥିଲେ। ଏମ୍‌ପି ସାହୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ଆନ୍ତର୍ଜାତିକସ୍ତରରେ ସ୍ଥାନ ପାଇବ ଗୋପାଳପୁର ବେଳାଭୂମି

**ବ୍ରହ୍ମପୁର ଅଫିସ,୩।୧୧**

ଆନ୍ତର୍ଜାତିକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ଗୋପାଳପୁର ବେଳାଭୂମି। ରବିବାର ଭୁବନେଶ୍ୱରରୁ ଆସିଥିବା ଏକ ବିଶେଷଜ୍ଞ ଦଳ ଗୋପାଳପୁର ବେଳାଭୂମିର ୫୦୦ମିଟର ଅଞ୍ଚଳ ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିବା ଜଣାପଡିଛି। ଏହି ରିପୋର୍ଟରେ ସେମାନେ ଫାଉଣ୍ଡେଶନ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଏଜୁକେଶନ ବା (ଏଫଇଇ) ଡେନ୍‌ମାର୍କର ଏକ ବେସରକାରୀ ସଂସ୍ଥାକୁ ପ୍ରଦାନ କରିବେ। ଉକ୍ତ ଅନୁଷ୍ଠାନଟି ବ୍ଲୁ ଫ୍ଲାଗ ଅଞ୍ଚଳକୁ ଅନୁଧ୍ୟାନ କରିବା ପରେ ହିଁ ମାନ୍ୟତା ମିଳିବ। ଏହି ଟ୍ୟାଗ୍ ପାଇବାକୁ ହେଲେ ୩୩ଟି ମାନଦଣ୍ଡ ପୂରଣ କରିବା ଆବଶ୍ୟକ। ସେଗୁଡିକ ହେଲା- ବେଳାଭୂମି ସ୍ୱଚ୍ଛତା, ସବୁଜିମା, ବସିବା ପାଇଁ ଘର, ଅତ୍ୟାଧୁନିକ ଗାଧୁଆ ଘର, ପୋଷାକ ବଦଳାଇବା ଘର, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ, ପ୍ରାତଃ ଭ୍ରମଣ ପାଇଁ କୋଟ, ଶିଶୁ ଉଦ୍ୟାନ, ପାର୍କିଂ, ଫାଷ୍ଟେଡ୍ ଓ ପାଣିର ଗୁଣବତ୍ତା,ପର୍ଯ୍ୟଟକମାନଙ୍କ ଉପରେ ନଜର ରଖିବା ପାଇଁ ୱାଚ୍ ଟାୱାର, ସିସିଟିଭି, ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଆଦି ଠିକ୍ ରହିବା ଆବଶ୍ୟକ। ବେଳାଭୂମି ଅନୁଧ୍ୟାନ ସମୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ବିଶେଷଜ୍ଞ ଦଳକୁ ସହଯୋଗ କରିଥିଲେ।

**ବିଶେଷଜ୍ଞ ଦଳଙ୍କ ଅନୁଧ୍ୟାନ**

# ମାଛ ଧରିବାକୁ ଯାଇ ତାମ୍ପରାରେ ବୁଡ଼ିଗଲେ

**ଛତ୍ରପୁର,୩।୧୧(ଡି.ଏନ୍.ଏ.)**

**୨୪ ଘଣ୍ଟା ପରେ ମିଳିଲା ମୃତଦେହ**

ମାଛ ଧରିବାକୁ ଯାଇଥିବା ବେଳେ ତାମ୍ପରା ହ୍ରଦରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତ ଅଧୀନ ତରେଇପାଟପୁର ଗାଁର ନବ ବେହେରାଙ୍କ ପୁଅ ଗୋପାଳ (୨୮)। ସୋମବାର ଅପରାହ୍ନରେ ଗୋପାଳ ଏକାକୀ ମାଛ ଧରିବା ପାଇଁ ଗ୍ରାମ ନିକଟ ତାମ୍ପରା ହ୍ରଦ୍‌କୁ ଡଙ୍ଗା ନେଇ ଯାଇଥିଲେ। ଦୀର୍ଘ ସମୟ ପରେ ବି ଘରକୁ ନ ଫେରିବାରୁ ଗ୍ରାମବାସୀ ହ୍ରଦକୁ ଯାଇ ଖୋଜାଖୋଜି କରିଥିଲେ ବି ତାଙ୍କ ସନ୍ଧାନ ପାଇ ନ ଥିଲେ। କେବଳ ଡଙ୍ଗା ଭାସୁଥିବା ଦେଖାଯାଇଥିଲା। ମଙ୍ଗଳବାର ଏ ସମ୍ପର୍କରେ ଖବରପାଇ ଛତ୍ରପୁର ଦମକଳବାହିନୀ ଓ ଗାଁର ବହୁ ଲୋକ ୧୦ରୁ ଊର୍ଦ୍ଧ୍ୱ ଡଙ୍ଗା ଧରି ଖୋଜାଖୋଜି କରିଥିଲେ ମଧ୍ୟ ଗୋପାଳଙ୍କୁ ନ ପାଇ ଫେରି ଆସିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ତାମ୍ପରାରେ ଗୋପାଳଙ୍କ ମୃତଦେହ ଭାସୁଥିବା କେତେଜଣ ଲୋକ ଦେଖି ଛତ୍ରପୁର ଥାନାକୁ ଜଣାଇଥିଲେ। ଥାନାଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ହସ୍ପିଟାଲକୁ ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଗୋପାଳ ପୋର୍ଟରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ଛୋଟ ଯାଆଁଳା ପୁଅ ଓ ଝିଅ ଅଛନ୍ତି। ସ୍ଥାନୀୟ ସରପଞ୍ଚ ଏସ୍.ଚକ୍ରପାଣି ରେଡ୍ଡୀ ଗୋପାଳଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୩।୧୧**




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୁଲ ନୀତି ଯୋଗୁ ଦେଶରେ ଦର୍‌ଦାମ ବୃଦ୍ଧି ଘଟିଛି। ଏହାର ପ୍ରତିବାଦରେ ଗଞ୍ଜାମ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର, ପ୍ରବାସୀ ଶ୍ରମିକଙ୍କୁ ବର୍ଷସାରା କର୍ମନିଯୁକ୍ତି ଯୋଗାଇବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ କରିବା, କୃଷି ଓ ଶ୍ରମ ଆଇନକୁ ବାତିଲ କରିବା, ଠିକାରେ କାମ କରୁଥିବା ଶ୍ରମିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ କଂଗ୍ରେସ ଦାବି କରିଛି। ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଆହୁରି ତୀବ୍ର ରୂପ ଧାରଣ କରିବା ନେଇ ସଂଗଠନ ଚେତାବନୀ ଶୁଣାଇଛି। ବିକ୍ଷୋଭ ସମାବେଶରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜିଲା ସଭାପତି ପୀତବାସ ପଣ୍ଡା, ଭୋକାଲି ସେଠି, ଭୀମରାଜୁ ରେଡ୍ଡୀ, ସନ୍ତୋଷ ପଲେଇଙ୍କ ସମେତ ସଂଗଠନର ସମସ୍ତ ସଦସ୍ୟ ସାମିଲ ଥିଲେ।

## ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତିବାଦରେ ବିକ୍ଷୋଭ



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ଶେରଗଡ,୩।୧୧(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତର କନ୍ଧନୂଆଗଡ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ବନ୍ଦ କରିଦିଆଯାଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ ଛାତ୍ରୀଛାତ୍ର ପଢୁଥିଲେ। ସେମାନଙ୍କ ନିକଟସ୍ଥ ଲାଞ୍ଜିଆପଲ୍ଲୀ ବିଦ୍ୟାଳୟରେ ନାମ ନମୋଦ କରିବାକୁ ଚିଠି କରି ଜଣାଇଦିଆଯାଇଛି। ଉକ୍ତ ବିଦ୍ୟାଳୟକୁ ପୁଣି ଖୋଲିବାକୁ କନ୍ଧ ନୂଆଗଡର ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବିଇଓ ଭାସ୍କର ଲେଙ୍କାଙ୍କୁ ଭେଟି ଦାବିପତ୍ର ଦେବାପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ହିଞ୍ଜିଳିକାଟୁ, ୩।୧୧(ଡି.ଏନ୍.ଏ.):** ହିଞ୍ଜିଳି ଥାନା ଅନ୍ତର୍ଗତ ୫୯ନଂ ଜାତୀୟ ରାଜପଥର ଶ୍ୟାମଳାଇ- ପୋଡିଙ୍ଗି ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଁ ବୁରୁପୋଡ଼ା ଗ୍ରାମର ଅଶୋକ ମୁନି। ଅଶୋକ ବାଇକ୍‌ରେ ଆସିକା ଯାଉଥିବା ବେଳେ ଶ୍ୟାମଳାଇ- ପୋଡିଙ୍ଗି ମଧ୍ୟବର୍ତ୍ତି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ମେଡିକାଲ ପଠାଇ ତଦନ୍ତ ଚଳାଇଛି।

## ୮ ସ୍କୁଲ ଉଚ୍ଛେଦ, ୭ ମିଶ୍ରଣ

**ବୁଗୁଡ଼ା,୩।୧୧(ଡି.ଏନ୍.ଏ.)**

ସରକାରଙ୍କ ନିୟମ ପ୍ରକାରେ ବୁଗୁଡ଼ା ବ୍ଲକର ୨୦ କିମ୍ବା ତା'ଠାରୁ କମ ଛାତ୍ରୀଛାତ୍ର ଥିବା ୮ଟି ପ୍ରାଥମିକ ସ୍କୁଲ ଉଚ୍ଛେଦ ହୋଇଥିବା ବେଳେ ୨୫ରୁ ୪୦ ବିଦ୍ୟାର୍ଥୀ ଥିବା ୭ଟି ସ୍କୁଲକୁ ନିକଟସ୍ଥ ସ୍କୁଲରେ ମିଶ୍ରଣ କରାଯାଇଛି। ବ୍ଲକର ଷୋହଳ ମାଇଲ, ମହୁଲପଲ୍ଲୀ ଓ ଝାଟିକାପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ସହ କୈଳାସ ନଗର, ଖୁଦପଲ୍ଲୀ, ଏନ୍.ପାଟଣା, ସଦାଶିବପୁର, ସାପୁଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ୮ଟି ସ୍କୁଲକୁ ଉଠାଇ ଦିଆଯାଇଛି। ଅନ୍ୟପଟେ ବ୍ଲକର ଏ.ନୂଆଗାଁ ସ୍କୁଲକୁ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିବା ବେଳେ ବୃନ୍ଦାବନପଲ୍ଲୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଖୋଳଖାଳି ଉଚ୍ଚ ପ୍ରାଥମିକ ସ୍କୁଲରେ, ପି.ନୂଆଗାଁ ସ୍କୁଲକୁ ପାଣିକେଶର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, ଶ୍ରଦ୍ଧାପୁର ପ୍ରାଥମିକ ବିଦ୍ୟାଳୟକୁ ମତାଝରି ପ୍ରାଥମିକ ବିଦ୍ୟାଳୟରେ, ସୀତାରାମପଲ୍ଲୀ ପ୍ରାଥମିକ ବିଦ୍ୟାଳୟକୁ ଚିରିକିପଡ଼ା ପ୍ରାଥମିକ ବିଦ୍ୟାଳୟରେ, ମେନରୋଡ଼ ବୁଗୁଡ଼ା ସ୍କୁଲକୁ ବାଲିପିଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଏବଂ ନେଳିଆ ବନ୍ଧ ସାହି ବୁଗୁଡ଼ା ପ୍ରାଥମିକ ବିଦ୍ୟାଳୟକୁ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ଏନ.ପାଟଣା ସ୍କୁଲକୁ ନ ଉଠାଇବାକୁ ବିଦ୍ୟାଳୟ ଆଗରେ ଧାରଣା ମଧ୍ୟ ଦେଇଥିଲେ।

# କୋଭିଡ୍‌ରେ ଉଲ୍ଲେଖନୀୟ କାର୍ଯ୍ୟ କରି ସମ୍ବର୍ଦ୍ଧିତ

**ଫୁଲବାଣୀ ଅଫିସ, ୩।୧୧**




ଜିଲାପାଳଙ୍କ ସହ ସମ୍ବର୍ଦ୍ଧିତ ବାଳିକା।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସ୍ଥାପିତ ଦିବସରେ ପ୍ରତିଜିଲାରୁ ୩ ଜଣ ଲେଖାଏ ଶିଶୁ ତଥା କିଶୋରୀ ବାଳିକାମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ଏହି କ୍ରମରେ କୋଭିଡ୍ ସମୟରେ କାର୍ଯ୍ୟ କରିଥିବା କନ୍ଧମାଳ ଜିଲାର ୩ କିଶୋରୀ ବାଳିକାଙ୍କୁ ଜିଲାପାଳ ସମ୍ମାନିତ କରିଛନ୍ତି। ସେମାନେ ହେଲେ ଶସ୍ମିତା ସାହୁ, ସୁଧାରାଣୀ ଶତପଥୀ ଓ ସରମିଳତା ପ୍ରଧାନ।

ସମସ୍ତ କିଶୋରୀ ବାଳିକାମାନେ କ.ନୂଆଗାଁ ବ୍ଲକର ବିଭିନ୍ନ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ବାଳିକାମାନେ କୋଭିଡ୍ ସମୟରେ ଅନେକ ଜନହିତକର କାର୍ଯ୍ୟ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଆନ୍ତର୍ଜାତୀୟ ସଂସ୍ଥା ସେଭ୍ ଦି ଚିଲଡ୍ରେନ୍ ତରଫରୁ କ.ନୂଆଗାଁ ଅଞ୍ଚଳରେ ଚାଲିଥିବା 'ଅନନ୍ୟା ବିବାହ ପିଲାଖେଳ ନୁହେଁ' କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳରେ କିଶୋରୀ ମହାସଂଘ ଗଠନ କରି ଅନେକ ଜନହିତକର କାର୍ଯ୍ୟ କରି ଆସୁଛନ୍ତି। କୋଭିଡ୍ ସମୟରେ ସେମାନେ ପ୍ରାୟ ୨୦୦୦ ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ହାତ ତିଆରି ମାସ୍କ ମାଗଣାରେ ବାଣ୍ଟିଛନ୍ତି। ଏଥିସହିତ ଅନେକ ଗ୍ରାମରେ ହାତ ଧୋଇବା ଓ ସାମାଜିକ ଦୂରତା ସମ୍ପର୍କରେ ସଚେତନ କରିଛନ୍ତି। କିଶୋରୀ ମାନଙ୍କୁ ମାଗଣାରେ ସାନିଟାରୀ ନାପ୍‌କିନ୍ ବାଣ୍ଟିବା, ଏହାର ନିୟମିତ ଯୋଗାଣ ନିମନ୍ତେ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିବା, ବାଲ୍ୟ ବିବାହ ବନ୍ଦ କରିବା, ସରକାରୀ କର୍ମଚାରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସାହାଯ୍ୟ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି ନିମନ୍ତେ ସମ୍ବର୍ଦ୍ଧିତ କରିବା ଆଦି ପଦକ୍ଷେପ ନେଇଛନ୍ତି।

